# EVENT

୧.ଗତ ତା୧୫.୦୮.୧୪ ଆମ ବିଦ୍ୟାଳୟ ପ୍ରାଙ୍ଗଣରେ ୬୮ତମ ସ୍ୱାଧିନତା ଦିବସ ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ର, ଗୁରୁଜୀ,ଗୁରୁମା,ପରିଚାଳନା ସମିତିର ସଦସ୍ୟ ଓ ଅଭିଭାବକ ଅଭିଭାବିକାଙ୍କ ଉପସ୍ଥିତିରେ ମହାସମାରୋହରେ ପାଳିତ ହୋଇଥିଲା ।ଏହି ଉତ୍ସବରେ ଭାରତୀୟ ସୈନ୍ୟବାହିନୀରେ କାର୍ଯ୍ୟରତ ଏଇ ଭୀମଟାଙ୍ଗୀର ବାସିନ୍ଦା ମେଜର ହୃଷିକେଶ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟପତାକା ଉତୋଳନ କରିବା ସହିତ ଉପସ୍ଥିତ ଛାତ୍ର/ଛାତ୍ରୀଙ୍କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଉତ୍ସବର ଶେଷରେ ସମସ୍ତଙ୍କୁ ସୁମିଷ୍ଟ ଦ୍ରବ୍ୟରେ ଆପ୍ୟାୟିତ କରାଯାଇଥିଲା ।

- ତା୧୭.୦୮.୨୦୧୪ ରିଖ ରବିବାର ଦିନ ଆମ ବିଦ୍ୟାଳୟର ବୌଧିକ ମଣ୍ଡପରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ ଆଡମ୍ବର ସହିତ ପାଳନ କରାଯାଇଛି । ଘନ୍‌ଟା, ଘନ୍‌ଟ ଶଙ୍ଖ ଧ୍ୱନୀ ମଧ୍ୟରେ ଧୂପ ଦୀପ ନୈବେଦ୍ୟର ସମାହାରରେ ପ୍ରଭୁଙ୍କର ଆରାଧନା କରାଯିବା ପରେ ବିଦ୍ୟାଳୟର କୁନି କୁନି ଭାଇଭଉଣୀ ମାନେ ରାଧା, କୃଷ୍ଣ ବେଶରେ ସଜ୍ଜିତ ହୋଇ ପରିବେଶକୁ ମନମୁଗ୍‌ଧକର କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଗୁରୁଜୀ, ଗୁରୁମା, ଅଭିଭାବକ/ଅଭିଭାବିକାଙ୍କ ଗହଣରେ ଉତ୍ସବଟି ସମାପିତ ହୋଇଥିଲା ।

୨.ତା୧୬.୦୮.୨୦୧୪ ରିଖ ସନ୍ଧ୍ୟା ୭ଟା ବେଳେ ବିଭିନ୍ନ ମେଧାବୃତି ନିମନ୍ତେ ଛାତ୍ର/ଛାତ୍ରୀଙ୍କୁ ପ୍ରସ୍ତୁତ କାରବା ନିମନ୍ତେ ଅଭିଭାବକ, ଅଭିଭାବିକା ମାନଙ୍କର ଏକ ବୈଠକ ଆହୁତ କରାଯାଇଥିଲା । ବିଦ୍ୟାଳୟ ତରଫରୁ ଛାତ୍ର/ଛାତ୍ରୀଙ୍କର ବୌଧିକ ବିକାଶ ନିମନ୍ତେ ଏ ପ୍ରକାର ପ୍ରଚେଷ୍ଟାରେ ଉପସ୍ଥିତ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ ।